କୋଶଲ ସମ୍ବାଦ

କୋଶଲର ସ୍ୱର, ଜନତାର ସମ୍ବାଦ

Koshalsambada.In / epaper
RNI REGD NO- ORORI/26A4694

ଦୈନିକ ଓଡ଼ିଆ ଖବର କାଗଜ

Koshalsambada.In / epaper
KOSHAL SAMBAD- Daily News Paper

Vol- 01 ■ No-46, Wednesday 18 November 2026 ■ 4 pages : Rs. 2/ - ■ ପ୍ରଥମ ବର୍ଷ, ସଂଖ୍ୟା-୪୬ ■ ବୁଧବାର ୧୮ ନଭେମ୍ବର ୨୦୨୬■ ୪ ପୃଷ୍ଠା: ମୂଲ୍ୟ ୨/-ଟଙ୍କା

ଜନତାଙ୍କ ଅଣ୍ଟା ଭାଙ୍ଗିଲାଣି ମହଙ୍ଗା ମାଡ଼ ! ପିଆଜ ୧୧୬% ଏବଂ କପଡା ୧୩.୬୭% ବଢିଛି



ନୂଆଦିଲ୍ଲୀ,୧୭।୧୧: ଭାରତରେ ମହଙ୍ଗା ମାଡ଼ ଏବେ ସାଧାରଣ ଜନତାଙ୍କ ପାଇଁ ପାଲଟିଛି ବଡ଼ ସମସ୍ୟା। ପୂର୍ବରୁ କେବଳ ଖୁଚୁରା ବଜାରରେ ଦରଦାମ୍ ବଢୁଥିବା ଦେଖାଯାଉଥିଲା। ହେଲେ ଏବେ ପାଇକାରୀ ମୁଦ୍ରାସ୍ଫୀତି (WPI) ମଧ୍ୟ ୧୨.୨୯%ରେ ପହଞ୍ଚିଛି। ଏହା ଗତ ୫୦ ମାସ ମଧ୍ୟରେ ସର୍ବୋଚ୍ଚ ସ୍ତର। ଅର୍ଥାତ୍ କାରଖାନାଠାରୁ ଆରମ୍ଭ କରି ଚାଷ ଜମି ପର୍ଯ୍ୟନ୍ତ ସବୁଠି ଉତ୍ପାଦନ ଖର୍ଚ୍ଚ ବଢୁଛି। ସରକାରୀ ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୨୦୨୬ରେ ପାଇକାରୀ ମୁଦ୍ରାସ୍ଫୀତି ହାର ୧୧.୩୯% ଥିବା ବେଳେ ଅକ୍ଟୋବରରେ ଏହା ବୃଦ୍ଧି ପାଇ ୧୨.୨୯% ହୋଇଛି। ଏହାର ପ୍ରଭାବ ଆଗାମୀ ମାସଗୁଡ଼ିକରେ ଆପଣଙ୍କ ରାସନ ବିଲ୍, ବିଦ୍ୟୁତ୍ ବିଲ୍ ଏବଂ ଇନ୍ଧନ ଦର ଉପରେ ପଡ଼ିପାରେ। ତେବେ ଗତ ଦୁଇ ଦଶନ୍ଧି ମଧ୍ୟରେ କେଉଁ ସାମଗ୍ରୀ ମହଙ୍ଗା ହୋଇଛି ଏବଂ କେଉଁଗୁଡ଼ିକ ଶସ୍ତା ହୋଇଛି, ଆସନ୍ତୁ ଜାଣିବା।

କାହିଁକି ୧୨.୨୯%ରେ ପହଞ୍ଚିଲା ପାଇକାରୀ ମୁଦ୍ରାସ୍ଫୀତି ?

ପାଇକାରୀ ମୁଦ୍ରାସ୍ଫୀତି ବା ଡବଓକୁ ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରାଯାଏ । -

ପ୍ରାଥମିକ ସାମଗ୍ରୀ

ଇନ୍ଧନ ଓ ବିଦ୍ୟୁତ୍

ନିର୍ମିତ ସାମଗ୍ରୀ

ଅକ୍ଟୋବର ୨୦୨୬ରେ ଏହି ତିନୋଟି କ୍ଷେତ୍ରରେ ମହଙ୍ଗା ଚାପ ଦେଖିବାକୁ ମିଳିଛି।

ଇନ୍ଧନ ଓ ବିଦ୍ୟୁତ୍: ଏହି କ୍ଷେତ୍ରରେ ମୁଦ୍ରାସ୍ଫୀତି ହାର ସେପ୍ଟେମ୍ବରରେ ୨୫.୮୫% ଥିବାବେଳେ ଅକ୍ଟୋବରରେ ବଢ଼ି ୩୨.୮୪% ହୋଇଛି। ଏଥିରେ ମିନେରାଲ୍ ଅଏଲ୍ ବା ପେଟ୍ରୋଲିୟମ୍ ଉତ୍ପାଦ, ଅଶୋଧିତ ତେଲ, ପ୍ରାକୃତିକ ଗ୍ୟାସ୍ ଓ ବିଦ୍ୟୁତ୍ ସାମିଲ ରହିଛି।

(ଅବଶିଷ୍ଟାଂଶ ପୃଷ୍ଠା-୩ରେ)

ବିଜେପି ବିଧାୟକ ଦଳ ବୈଠକ, ବିରୋଧୀଙ୍କୁ ସାମ୍ନା କରିବାକୁ ରଣନୀତି ପ୍ରସ୍ତୁତ



ଭୁବନେଶ୍ୱର, ୧୭।୧୧ : ସରିଲା ବିଜେପି ବିଧାୟକ ଦଳ ବୈଠକ। ବିରୋଧୀ ଙ୍କୁ ସାମ୍ନା କରିବାକୁ ରଣ ନୀତି ପ୍ରସ୍ତୁତ କଲା ଶାସକ ବିଜେପି। ବିଧାନ ସଭା ବିରୋଧୀଙ୍କୁ ଚେକ୍ ଦେବା ପାଇଁ ବିଜେପି ବିଧାୟକ ଦଳ ବୈଠକରେ ପ୍ରସ୍ତୁତ କରାଗଲା ରଣନୀତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେପି ବିଧାୟକ ଦଳ ବୈଠକ ଶେଷ ହେବା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ମୁକେଶ ମହାଲିଙ୍ଗ କହିଛନ୍ତି ବିଧାନସଭାରେ ବିରୋଧୀଙ୍କୁ ତଥ୍ୟ ସହ ଜବାବ ଦେବ ଶାସକ ଦଳ। ବିରୋଧୀ ଦଳ ଉଠାଇବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଏବଂ ରାଜ୍ୟ ସ୍ୱାର୍ଥ ସମ୍ବଳିତ ମୁଦ୍ଦା ଉପରେ ବିସ୍ତୃତ ଆଲୋଚନା ପାଇ ପ୍ରସ୍ତୁତ ରହିଛୁ । ବିରୋଧୀ ଦଳ ସରକାରଙ୍କୁ ଘେରିବା ପାଇଁ ଅନେକ ପ୍ରସଙ୍ଗ ଉଠାଇ ପାରନ୍ତି। ଏହାର ଜବାବ ତଥ୍ୟ ଓ ପ୍ରମାଣ ସହ ରଖିବାକୁ ଶାସକ ଦଳ ପ୍ରସ୍ତୁତ ରହିଛି। ବିରୋଧୀ ଦଳ ଯଦି କୌଣସି ଭ୍ରମାତ୍ମକ କିମ୍ବା ଅସତ୍ୟ ତଥ୍ୟ ଆଧାରରେ ପ୍ରସଙ୍ଗ ଉଠାନ୍ତି, ତେବେ ସରକାରଙ୍କ ପକ୍ଷରୁ ତାହାର ସତ୍ୟାସତ୍ୟ ଗୃହରେ ରଖାଯିବ। ବିରୋଧୀଙ୍କ ପ୍ରତ୍ୟେକ ପ୍ରଶ୍ନ ଓ ଅଭିଯୋଗର ତଥ୍ୟଭିତ୍ତିକ ଉତ୍ତର ଦେବାକୁ ସରକାରୀ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସୂଚନା ଦେଇଛନ୍ତି। ବିଶେଷକରି ବାତ୍ୟା ମୁକାବିଲାରେ ସରକାରଙ୍କ ପଦକ୍ଷେପ ଓ ସଫଳତା, ପ୍ରଭାବିତ ଲୋକଙ୍କୁ ରିଲିଫ୍ ଏବଂ ସହାୟତା ପ୍ରଦାନ ପ୍ରସଙ୍ଗ ଗୃହରେ ଉଠିବ। ଗଞ୍ଜାମ, ଫୁଲବାଣୀ ଓ ଗଜପତି ଜିଲ୍ଲାର ପ୍ରଭାବିତ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ପ୍ୟାକେଜ୍ ପ୍ରଦାନ କରାଯାଇଛି। ବାତ୍ୟା ପରେ ଲୋକଙ୍କ ନିକଟରେ ମନ୍ତ୍ରୀ ଓ ବିଧାୟକମାନେ ପହଁ ସେମାନଙ୍କ ଦୁଃଖ ଓ ସମସ୍ୟା ବୁଝିବା ସହ ଆବଶ୍ୟକ ସହାୟତା ପାଇଁ ପଦକ୍ଷେପ ନେଇଛନ୍ତି।

(ଅବଶିଷ୍ଟାଂଶ ପୃଷ୍ଠା-୩ରେ)





କୋଶଳ ସମ୍ବାଦ

ବୁଧବାର ୧୮ ନଭେମ୍ବର ୨୦୨୬



ସଂସ୍କାର କେଉଁଠି ହଜିଗଲା ? ନିଜ ରକ୍ତର ସମ୍ପର୍କକୁ ଭୁଲି ପରକୁ ବିଶ୍ୱାସ କରୁଛି ଆଜିର ମଣିଷ !



ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉଜ୍ୱଳପୁର ସୁନ୍ଦରଗଡ଼

ଆଜିର ସମାଜରେ ମଣିଷର ଚିନ୍ତାଧାରା, ଜୀବନଶୈଳୀ ଓ ସମ୍ପର୍କର ପରିଭାଷା ବଦଳିବାରେ ଲାଗିଛି । ଆମେ ନିଜ ପରିବାରର ସଦସ୍ୟଙ୍କ ଅପେକ୍ଷା ବାହାର ଲୋକଙ୍କୁ ଅଧିକ ବିଶ୍ୱାସ କରୁଛୁ। ଯେଉଁ ପରିବାର ଆମକୁ ଜନ୍ମ ଦେଇଛି, ଆଙ୍ଗୁଠି ଧରି ଚାଲିବା ଶିଖାଇଛି, ମୁହଁରେ ଆହାର ଦେଇ ବଡ଼ କରିଛି, ନିଜର ସୁଖକୁ ତ୍ୟାଗ କରି ଆମ ଭବିଷ୍ୟତ ଗଢ଼ିଛି, ସେହି ପରିବାରକୁ ଆମେ ଧୀରେ ଧୀରେ ଭୁଲିବାକୁ ଲାଗିଛୁ।

ଏହା କ'ଣ ଆଧୁନିକତାର ପରିଚୟ ? ନା ଆମ ସଂସ୍କାରର ପତନ ?

ଦିନେ ଯେଉଁ ବାପା ନିଜେ ଭୋକରେ ରହି ସନ୍ତାନର ପେଟ ଭରୁଥିଲେ, ଯେଉଁ ମାଆ ନିଜ ନିଦକୁ ତ୍ୟାଗ କରି ସନ୍ତାନକୁ ନିଦ ପକାଉଥିଲେ, ଆଜି ସେହି ବାପାମାଆ ବୃଦ୍ଧାବସ୍ଥାରେ ଅନେକ ସମୟରେ ଅବହେଳାର ଶିକାର ହେଉଛନ୍ତି। ଯେଉଁ ହାତ ଆମକୁ ଧରି ଚାଲିବା ଶିଖାଇଥିଲା, ବୟସର ଶେଷ ପର୍ଯ୍ୟାୟରେ ସେହି ହାତକୁ ଧରିବା ପାଇଁ ଆମ ପାଖରେ ସମୟ ନାହିଁ। ବାହାର ଲୋକଙ୍କ ପାଇଁ ଆମ ପାଖରେ ସମୟ ଅଛି, ହସ ଅଛି, ଭଲପାଇବା ଅଛି; କିନ୍ତୁ ନିଜ ପରିବାର ପାଇଁ ସମୟ ନାହିଁ। ସୋସିଆଲ ମିଡିଆରେ ଅନ୍ୟମାନଙ୍କୁ ଭଲପାଇବାର ବାର୍ତ୍ତା ଦେଉଛୁ, କିନ୍ତୁ ନିଜ ଘରର ଲୋକଙ୍କ ମନର ଦୁଃଖ ବୁଝିବାକୁ ଚେଷ୍ଟା କରୁନାହୁଁ।

ପ୍ରଶ୍ନ ହେଉଛି, ଏହି କି ଆମର ସଂସ୍କାର ?

ସଂସ୍କାର କେବଳ ମନ୍ଦିର ଯିବା, ପୂଜା କରିବା, ବଡ଼ ବଡ଼ କଥା କହିବା କିମ୍ବା ଅନ୍ୟମାନଙ୍କ ଆଗରେ ଭଲ ମଣିଷ ବୋଲି ପରିଚୟ ଦେବା ନୁହେଁ। ପ୍ରକୃତ ସଂସ୍କାର ହେଉଛି ବାପାମାଆଙ୍କୁ ସମ୍ମାନ ଦେବା, ବଡ଼ମାନଙ୍କୁ ଆଦର କରିବା, ସାନମାନଙ୍କୁ ସ୍ନେହ କରିବା, ପରିବାରର ଦୁଃଖସୁଖରେ ସାଥୀ ହେବା ଏବଂ ଅନ୍ୟର ଯନ୍ତ୍ରଣାକୁ ନିଜର ଭାବିବା।

ଆଜି ମଣିଷ ପାଖରେ ଟଙ୍କା ଅଛି, ଘର ଅଛି, ଗାଡ଼ି ଅଛି, ଉଚ୍ଚଶିକ୍ଷା ଅଛି; କିନ୍ତୁ ଅନେକଙ୍କ ହୃଦୟରେ ମାନବିକତାର ଅଭାବ ଦେଖାଯାଉଛି। ମଣିଷ ଚନ୍ଦ୍ରରେ ପହଞ୍ଚିଗଲା, ହେଲେ ନିଜ ଘରର ମଣିଷର ମନ ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ।

ଏପରି ମଣିଷ ଯଦି ନିଜ ସମ୍ପର୍କ, ଦାୟିତ୍ୱ ଓ ମାନବିକତାକୁ ଭୁଲିଯାଏ, ତେବେ ତା'ର ଶିକ୍ଷା, ଧନସମ୍ପତ୍ତି ଓ ଆଧୁନିକତାର ମୂଲ୍ୟ କ'ଣ ? ପଶୁମାନଙ୍କ ମଧ୍ୟରେ ମଧ୍ୟ ନିଜ ଛୁଆ ପ୍ରତି ମମତା ଓ ସ୍ନେହ ଦେଖିବାକୁ ମିଳେ। ତେବେ ମଣିଷ ଯଦି ନିଜ ମଣିଷ ପ୍ରତି ମମତା ହରାଇଦିଏ, ତାହାଠାରୁ ବଡ଼ ଦୁଃଖର କଥା ଆଉ କ'ଣ ହୋଇପାରେ ?

ଆମେ ଭୁଲିଯିବା ଉଚିତ୍ ନୁହେଁ ଯେ ଜୀବନରେ ଅନେକ ଲୋକ ଆସିବେ, ଅନେକ ଲୋକ ଯିବେ, କିନ୍ତୁ ଆମର ଭଲ ଓ ଖରାପ ସମୟରେ ପରିବାରର ମୂଲ୍ୟ ଅତୁଳନୀୟ। ତେବେ ପରିବାରରେ ମଧ୍ୟ ଭଲପାଇବା ସହ ପରସ୍ପରର ସମ୍ମାନ, ବୁଝାମଣା ଓ ନ୍ୟାୟ ରହିବା ଆବଶ୍ୟକ।

ଶେଷରେ ଏତିକି କହିବାକୁ ଚାହେଁ—

ମଣିଷ ହେବା ସହଜ, କିନ୍ତୁ ପ୍ରକୃତ ମଣିଷ ହେବା କଷ୍ଟକର। ବଡ଼ ଘର ତିଆରି କରିବା ପୂର୍ବରୁ ବଡ଼ ହୃଦୟ ତିଆରି କରନ୍ତୁ। ଧନସମ୍ପତ୍ତି ଅର୍ଜନ କରିବା ପୂର୍ବରୁ ସମ୍ପର୍କର ମୂଲ୍ୟ ବୁଝନ୍ତୁ। ନିଜ ପରିବାରକୁ ଭଲପାଇବା ଶିଖନ୍ତୁ। କାରଣ ଯେଉଁ ଘରେ ସଂସ୍କାର ନାହିଁ, ସେହି ଘରେ ସମ୍ପତ୍ତି ଥିଲେ ମଧ୍ୟ ଶାନ୍ତି ନଥାଏ।

ସଂସ୍କାର ହେଉଛି ମଣିଷର ପ୍ରକୃତ ପରିଚୟ, ଆଉ ମାନବିକତା ହେଉଛି ମଣିଷର ସବୁଠାରୁ ବଡ଼ ଧର୍ମ।

ଆସନ୍ତୁ, ଆମେ ପୁଣି ଥରେ ସଂସ୍କାର, ସମ୍ପର୍କ ଓ ମାନବିକତାକୁ ଜୀବନରେ ଫେରାଇ ଆଣିବା।

୯୦ ବର୍ଷ ବୟସରେ ବି ଥମିନି ସଂଘର୍ଷ ! ନାହାନ୍ତି ପରିବାର, ନାହିଁ ପରିଚୟପତ୍ର; ପେଟ ପାଇଁ ଜଙ୍ଗଲରେ କରୁଛନ୍ତି ପରିଶ୍ରମ



ହେମଗିର, ସୁନ୍ଦରଗଡ଼: ବୟସ ପାଖାପାଖି ୯୦ ବର୍ଷ। ଜୀବନର ଶେଷ ପାହାଚରେ ଯେଉଁ ସମୟରେ ପରିବାର ଓ ସମାଜର ସ୍ନେହ, ଶ୍ରଦ୍ଧା ଏବଂ ସହଯୋଗ ମିଳିବା କଥା, ସେହି ସମୟରେ ଏକାକୀ ଓ ଅସହାୟ ଜୀବନ ବିତାଉଛନ୍ତି ଜଣେ ବୃଦ୍ଧ। ନାଁ ଗୋବିନ୍ଦ ଛତ୍ରିଆ। ବୟସର ଭାରରେ ଶରୀର ନଇଁ ପଡ଼ିଥିଲେ ମଧ୍ୟ ପେଟର ଭୋକ ତାଙ୍କୁ ଆଜି ବି ଜଙ୍ଗଲକୁ ଟାଣି ନେଉଛି। ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଅନ୍ତର୍ଗତ ଝାରପଲମ ଗ୍ରାମପଞ୍ଚାୟତର ଲଟାପାଣି ଗାଁର ବାସିନ୍ଦା ଗୋବିନ୍ଦ ଛତ୍ରିଆଙ୍କର ନାହାନ୍ତି କେହି ପୁଅ, ଝିଅ କିମ୍ବା ନିଜର ଆତ୍ମୀୟସ୍ୱଜନ। ତାଙ୍କ ନିକଟରେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଭଳି କୌଣସି ସରକାରୀ ପରିଚୟପତ୍ର ନଥିବାରୁ ସେ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା କିମ୍ବା ରାସନ ସୁବିଧା ପାଇପାରି ନାହାନ୍ତି ବୋଲି ଜଣାପଡ଼ିଛି। ସବୁଠାରୁ ଦୁଃଖଦ କଥା ହେଉଛି, ୯୦ ବର୍ଷ ବୟସରେ ମଧ୍ୟ ତାଙ୍କୁ ଜଙ୍ଗଲକୁ ଯାଇ କାଠ ସଂଗ୍ରହ କରିବାକୁ ପଡୁଛି। ସେହି କାଠ ବିକ୍ରି କିମ୍ବା ଅନ୍ୟ କାମ କରି ଯାହା ମିଳୁଛି, ସେଥିରେ କଷ୍ଟେମଷ୍ଟେ ପେଟ ପୋଷୁଛନ୍ତି। କେବେ ଅନ୍ୟଙ୍କ ପାଖରେ ହାତ ପତାଉଛନ୍ତି ତ କେବେ ଖାଇବାକୁ କିଛି ନମିଳିଲେ ଭୋକ ଉପାସରେ ରାତି କାଟୁଛନ୍ତି। ତେବେ ଏହି ଅସହାୟ ବୃଦ୍ଧଙ୍କ ଦୁଃଖଦ ଅବସ୍ଥା ସମ୍ପର୍କରେ ଜାଣିବା ପରେ କିଛି ଯୁବକ ସହାୟତାର ହାତ ବଢ଼ାଇଛନ୍ତି। ମହେଶ କିଶାନ, ଉମେଶ ପଧାନଙ୍କ ସମେତ ଅନ୍ୟ କିଛି ଯୁବକ ଏକାଠି ହୋଇ ଗୋବିନ୍ଦଙ୍କୁ ରାସନ ସାମଗ୍ରୀ ଓ ଶୀତରୁ ରକ୍ଷା ପାଇଁ ଗରମ ପୋଷାକ ଯୋଗାଇ ଦେଇଛନ୍ତି। ଏଥିସହ ତାଙ୍କୁ କିପରି ସରକାରୀ ବାର୍ଦ୍ଧକ୍ୟ ଭତ୍ତା, ରାସନ ଓ ଅନ୍ୟାନ୍ୟ ଯୋଜନାର ସୁବିଧା ମିଳିପାରିବ, ସେନେଇ ମଧ୍ୟ ଉଦ୍ୟମ ଜାରି ରଖିଛନ୍ତି। ଗୋବିନ୍ଦଙ୍କ ଏହି କାହାଣୀ କେବଳ ଜଣେ ଅସହାୟ ବୃଦ୍ଧଙ୍କ ଦୁଃଖ ନୁହେଁ, ବରଂ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଲୋକଙ୍କ ପାଖରେ ପ୍ରଶାସନର ପହଞ୍ଚକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ। ପରିଚୟପତ୍ର ନଥିବା ଜଣେ ବୟସ୍କ ବ୍ୟକ୍ତିଙ୍କୁ ସହାୟତା ଦେବା ପାଇଁ ପ୍ରଶାସନ କିପରି ଆଗକୁ ଆସିବ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ।

ପ୍ରଶ୍ନ ଏତିକି—୯୦ ବର୍ଷର ଏହି ଅସହାୟ ବୃଦ୍ଧଙ୍କ ଜୀବନରେ କେବେ ଆସିବ ସରକାରୀ ସହାୟତାର ଆଲୋକ ?

କୋଶଳ ସମ୍ବାଦ ପକ୍ଷରୁ ପ୍ରଶାସନଙ୍କୁ ଅନୁରୋଧ, ଗୋବିନ୍ଦ ଛତ୍ରିଆଙ୍କ ସ୍ଥିତିର ତଦନ୍ତ କରି ତୁରନ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉ।

ଢେଙ୍କାନାଳରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍-୨୦୨୬' ଜିଲ୍ଲାସ୍ତରୀୟ ପାୱାରପଏଣ୍ଟ ଉପସ୍ଥାପନା ପ୍ରତିଯୋଗିତା



ଢେଙ୍କାନାଳ: ଢେଙ୍କାନାଳସ୍ଥିତ ପିଏମ୍ ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍-୨୦୨୬'ର ଜିଲ୍ଲା ଚାମ୍ପିୟନସିପ୍ ରାଉଣ୍ଡ ପାୱାରପଏଣ୍ଟ ଉପସ୍ଥାପନା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏଥିରେ ଜିଲ୍ଲାର ବହୁ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରି ବିଭିନ୍ନ ବିଷୟରେ ନିଜସ୍ୱ ଚିନ୍ତାଧାରା, ଜ୍ଞାନ ଓ ସୃଜନଶୀଳତାକୁ ପାୱାରପଏଣ୍ଟ ମାଧ୍ୟମରେ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ ।ମାଇଁ ଭାରତର ନିର୍ଦ୍ଦେଶକ ଶକ୍ତି ସ୍ୱରୂପ ସିଂହଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସ୍ୱାତୀରଞ୍ଜନ ସାହୁ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ଅଧିକାରୀ ପ୍ରେମାନନ୍ଦ ମିଶ୍ର, ପିଏମ୍ ଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତାବାଳା ଷଡ଼ଙ୍ଗୀ ଏବଂ ସବୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ମନୋଜ କୁମାର ମହାନ୍ତି ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କ ଉପସ୍ଥାପନାର ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାରେ ହରିଶ କୁମାର ଜେନା ପ୍ରଥମ ସ୍ଥାନ ସହ ଆର୍ଥିକ ରାଶି ୩୦୦୦ ଟଙ୍କା, ଅଲିଶା ରାଉତ ଦ୍ୱିତୀୟ ସ୍ଥାନ ସହ ୨୦୦୦ ଟଙ୍କାଏବଂ ବିଷ୍ଣୁପ୍ରିୟା ପଣ୍ଡା ତୃତୀୟ ସ୍ଥାନ ସହ ୧୦୦୦ ଟଙ୍କା ପ୍ରାପ୍ତ କରିଥିଲେ। ଏହି କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। କାର୍ଯ୍ୟକ୍ରମ ପରିଚାଳନାରେ ମାଇଁ ଭାରତର କର୍ମଚାରୀ ବିପ୍ରବର ବେହେରା, ସୁଚିରଞ୍ଜନ ସାହୁ ଓ ସ୍ୱର୍ଣ୍ଣଲିପି ବିଶ୍ୱାଳ ସହଯୋଗ କରିଥିଲେ। ଢେଙ୍କାନାଳ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ଏହି ପ୍ରତିଯୋଗିତା ଯୁବପିଢ଼ିଙ୍କ ନେତୃତ୍ୱ ଦକ୍ଷତା, ଆତ୍ମବିଶ୍ୱାସ, ସୃଜନଶୀଳତା ଓ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକାକୁ ଉତ୍ସାହିତ କରିବାର ଏକ ଉତ୍କୃଷ୍ଟ ମଞ୍ଚ ସାଜିଥିଲା ।

ଶାନ୍ତିପୁର ନିତାଇଗୌର ଆଶ୍ରମ ଠାରେ ଅନ୍ନକୋଟି ମହୋତ୍ସବ ଓ ଗୋଷ୍ଠାଷ୍ଟମୀ ପୂଜା



ଢେଙ୍କାନାଳ, ୧୭/୧୧: ଢେଙ୍କାନାଳ ସପ୍ତଶଯ୍ୟା ପାଦଦେଶରେ ଅବସ୍ଥିତ ଶାନ୍ତିପୁର ନିତାଇଗୌର ଆଶ୍ରମ ଠାରେ ଅନୁକୋଟି ମହୋତ୍ସବ, ଗିରରାଜ ପୂଜା ଓ ଗୋଷ୍ଠାଷ୍ଟମୀ ପୂଜା ସହିତ ଛପନଭୋଗ ଲାଗି ହୋଇଥିଲା । ଗତ ଦଶବର୍ଷ ଧରି ଆଂଚଳିକ ଗ୍ରାମବାସୀ ତଥା ଦୂର ଦୂରାନ୍ତରୁ ବହୁ ଭକ୍ତଙ୍କ ସହଯୋଗରେ ଚଳିତ ବର୍ଷ ମହାଆଡମ୍ବର ସହିତ ପାଳିତ ହୋଇଯାଇଅଛି । ଆଶ୍ରମରେ ଗାଈମାନଙ୍କୁ ଚନ୍ଦନ, ସିନ୍ଦୂର, ପୁଷ୍ପ, ଦୀପ ଓ ଧୂପ ସହିତ ପୂଜା କରିବା ସହିତ ଖାଦ୍ୟ ଅର୍ପଣ କରାଯାଇଥିଲା । ଏହି ସମାରୋହରେ ବହୁ ମାନ୍ୟଗଣ୍ୟ ସାଧୁସନ୍ଥମାନଙ୍କର ସମାଗମ ମଧ୍ୟ ହୋଇଥିଲା । ଆଶ୍ରମର ପୂଜ୍ୟ ବାବା ମହାରାଜ ପେମାନନ୍ଦ ମହାରଜ, ମହନ୍ତ ସନାତନ ଦାସ ମହାରାଜ ଓ ବାବାଜୀ କାହ୍ନୁଚରଣ ଦାସ, ଶ୍ରୀଧର ଦାସ ମହାରାଜ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ଦାୟିତ୍ୱର ସହ ନିର୍ବାହ କରିଥିଲେ। ଏହି ପବିତ୍ର ଦିନରେ ଭଗବାନ ଶ୍ରୀକୃଷ୍ଣ ପ୍ରଥମ ଥର ପାଇଁ ଗୋବତ୍ସାମାନଙ୍କୁ ଧରି ଗୋଚାରଣ ପାଇଁ ବନକୁ ଯାଇଥିଲେ । ଏହି ଦିନର ମହତ୍ୱ ହେଲା ଭଗବାନ ଇନ୍ଦ୍ରଙ୍କ କବଳରୁ ସଭିଙ୍କୁ ରକ୍ଷା କରିବା ପାଇଁ ଗୋବର୍ଦ୍ଧନ ପର୍ବତକୁ ନିଜ ଆଙ୍ଗୁଳିରେ ଧାରଣ କରିଥିଲେ। ୭ଦିନ ଧରି ସଭିଙ୍କୁ ଇନ୍ଦ୍ରଙ୍କ କବଳରୁ ରକ୍ଷା କରି ନିଜେ ଅଖୁଆ, ଅନିଦ୍ରା ରହିଥିଲେ । ତେଣୁ ସମସ୍ତେ ଭକ୍ତ ପ୍ରଭୁଙ୍କ ପାଇଁ ନିଜ ହସ୍ତରେ ଖାଦ୍ୟ ପ୍ରସ୍ତୁତ କରି ଭୋଗ ଲଗାଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ଶ୍ୟାମସୁନ୍ଦର ଦାସ, ବଂଶୀଧର ଦାସ ମହାରାଜା, କଟକର ଦିନ ଦୟାଳ ବାବା ରଘୁନାଥ ଦାସ ମହାରାଜା, ଭୁବନେଶ୍ୱରରୁ ଭକ୍ତ ଚରଣ ଦାସ ଓ ଶ୍ୟାମ ସୁନ୍ଦର ଦାସ ଉପସ୍ଥିତ ଥିଲେ । ଢେଙ୍କାନାଳ ଯାଉଁଳୀ ପୋଖରୀ ମଠର ମହନ୍ତ ପ୍ରଭୁପାଦ ଦାସ ମଧ୍ୟ ଯୋଗଦେଇଥିଲେ। ଆଶ୍ରମର ପଦ୍ମଲାଭ ବାରିକ, ସଞ୍ଜୟ କୁମାର ସାହୁ, ସୁରେଶ କୁମାର ସାହୁ, ନିରାକାର ଦାସ, ମନ୍ଦରଧର ମହାରଣା, ଯୋଗେନ୍ଦ୍ର ସାହୁ ଓ ବିଷ୍ଣୁ ଚରଣ ଗୋଛି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମଧ୍ୟାହ୍ନରେ ଭକ୍ତମାନେ ପ୍ରସାଦସେବନ କରିଥିଲେ ।

ପୁରୀରେ ୭ମ ଓଟିଏ ବ୍ଲାକ୍ ବେଲ୍ଟ ପ୍ରମୋସନ୍ ଟେଷ୍ଟରେ ସୁନ୍ଦରଗଡ଼ର ଡାକ୍ତର ମନୋଜ କୁମାର ବାଦୀ ଓ ଶାଳିନୀ



ପୁରୀସ୍ଥିତ ବୁଦ୍ଧିଷ୍ଟ ତାଇକୋଣ୍ଡୋ ଏକାଡେମୀରେ ୧୫ ନଭେମ୍ବରରେ ୭ମ ଓଟିଏ ବ୍ଲାକ୍ ବେଲ୍ଟ ପ୍ରମୋସନ୍ ଟେଷ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ରାଜ୍ୟର ୧୦ଟି ଜିଲ୍ଲାର ୨୧ଟି କ୍ଲବରୁ ୫୨ ଜଣ କ୍ରୀଡ଼ାବିତ୍ (୩୬ ପୁରୁଷ ଓ ୧୬ ମହିଳା) ଅଂଶଗ୍ରହଣ କରିଥିଲେ। ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ପରୀକ୍ଷାକୁ ଅନ୍ତର୍ଜାତୀୟ ପୂମ୍-ଡାନ୍ ପରୀକ୍ଷକ ମନମୋହନ ଭଞ୍ଜ ପରିଚାଳନା କରିଥିଲେ। ଏହା ରାଜ୍ୟରେ ତାଇକୋଣ୍ଡୋ କ୍ରୀଡ଼ାର ଉନ୍ନତି ଓ ନୂତନ ପ୍ରତିଭା ସୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସବୁଠୁ ଖୁସିର ବିଷୟ ସୁନ୍ଦରଗଡ଼ର ଜଣାଶୁଣା ତା ଇକୋଣ୍ଡୋ ପ୍ରଶିକ୍ଷକ ଡାକ୍ତର ମନୋଜ କୁମାର ବାଦୀ ଯିଏକି ଅଲ ଓଡିଶା ଟାଇକୋଣ୍ଡ ସଂଘର ଯୁଗ୍ମ ଅଧକ୍ଷ ଅଛନ୍ତି ଏଥିରେ ଅଂଶଗ୍ରହଣ କରି ତାଙ୍କର ବ୍ୟକ୍ତିଗତ ତୃତୀୟ ବ୍ଲକବେଲ୍ଟ ଡାନ ପାଇଁ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି ଏବଂ ଏହାର ଶ୍ରେୟ ସେ ତାଙ୍କ ବନ୍ଧୁ ଅନ୍ତର୍ଜାତୀୟ ପୂମ୍-ଡାନ୍ ପରୀକ୍ଷକ ମନମୋହନ ଭଞ୍ଜଙ୍କୁ ଦେଇଛନ୍ତି ।

ଦେବ୍ରିଗଡ଼ରେ ଠାବ ବାଘର ପରିଚୟ ନିଶ୍ଚିତ କଲା ଏନଟିସିଏ

ଛତିଶଗଡ଼ର ଉଦନ୍ତୀ ସୀତାନଦୀରୁ ବରନଓ୍ୱାପାରା ଦେଇ ଦେବ୍ରିଗଡ଼କୁ ଆସିଛି ଏହି ୫ ବର୍ଷୀୟ ବାଘ

ସମ୍ବଲପୁର, ୧୭/୧୧: ଦେବ୍ରିଗଡ଼ ଅଭୟାରଣ୍ୟରେ ଠାବ ହୋଇଥିବା ଅଣ୍ଡିରା ମହାବଳ ବାଘର ପରିଚୟକୁ ନିଶ୍ଚିତ କରିଛି ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ)। ନଭେମ୍ବର ୯ ତାରିଖରେ ଦେବ୍ରିଗଡ଼ ଅଂଚଳରେ ପ୍ରଥମଥର ପାଇଁ କ୍ୟାମେରା ଟ୍ରାପ୍ ରେ କଏଦ ହୋଇଥିବା ଏହି ବାଘଟି ଛତିଶଗଡ଼ର ଉଦନ୍ତୀ-ସୀତାନଦୀ ବ୍ୟାଘ୍ର ସଂରକ୍ଷିତ ଅଂଚଳରେ ୨୦୨୫ ମସିହାରେ ଚିହ୍ନଟ ହୋଇଥିବା ସେହି ବାଘ ବୋଲି ସ୍ପଷ୍ଟ ହୋଇଛି। ଛତିଶଗଡ଼ ବନ୍ୟପ୍ରାଣୀ କର୍ତୃପକ୍ଷଙ୍କ ଠାରୁ ମିଳିଥିବା କ୍ୟାମେରା ଟ୍ରାପ୍ ଫଟୋ ଓ ଅନ୍ୟାନ୍ୟ କ୍ଷେତ୍ରୀୟ ତଥ୍ୟର ଯାଂଚ୍ କରାଯାଇଥିଲା। ବାଘର ଶରୀରରେ ଥିବା ଡୋରାର ନକ୍ସା ମେଳ କରିବା ପରେ ଏହାର ପରିଚୟ ନିଶ୍ଚିତ ହୋଇଥିଲା। ଏହାଦ୍ୱାରା ବାଘଟିର ଯାତ୍ରାପଥ ମଧ୍ୟ ଚିହ୍ନଟ କରାଯାଇଛି।

ଉପଲବ୍ଧ ତଥ୍ୟ ଅନୁଯାୟୀ, ବାଘଟି ଛତିଶଗଡ଼ର ଉଦନ୍ତୀ-ସୀତାନଦୀ ବ୍ୟାଘ୍ର ସଂରକ୍ଷିତ ଅଂଚଳରୁ ବାହାରି ବରନଓ୍ୱାପାରା ବନ୍ୟପ୍ରାଣୀ ଅଭୟାରଣ୍ୟ ଦେଇ ଓଡ଼ିଶାର ଦେବ୍ରିଗଡ଼ ଅଂଚଳରେ ପହଂଚିଛି। ବାଘଟିର ବୟସ ପ୍ରାୟ ୫ ବର୍ଷ ହେବ ବୋଲି ଆକଳନ କରାଯାଇଛି।

ସୋଡାମାଳ ପଂଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଝାରସୁଗୁଡା : କୋଲାବିରା ବ୍ଲକ ସୋଡାମାଳ ଗ୍ରାମପଂଚାୟତ କୁ ଶିକ୍ଷା କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି ସରପଂଚ ଚନ୍ଦନ ପଟ୍ଟନାୟକ ଙ୍କୁ ମୁଖ୍ୟମନ୍ତ୍ରୀ ପକ୍ଷରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ଗତ ୧୪ ତାରିଖ ଶିଶୁ ଦିବସ ଅବସରରେ ବୁ ଭୁବନେଶ୍ୱରରେ ଅନୁଷ୍ଠିତ ଉତ୍ସବରେ ଏହି ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା । ସରପଂଚ ଙ୍କ ଅନୁପସ୍ଥିତି ରେ ସ୍ଥାନୀୟ ସିଆରସିସି ପୁରସ୍କାର ଗ୍ରହଣ କରି ସରପଂଚ ଚନ୍ଦନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି ।



କୋଶଳ ସମାଜ

ବୁଧବାର ୧୮ ନଭେମ୍ବର ୨୦୨୬



ଦେବ୍ରିଗଡ଼ ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର ଯୋଜନା ପଣ୍ଡ, ୪ ଗିରଫ

ସମ୍ବଲପୁର, ୧୭/୧୧: ଦେବ୍ରିଗଡ଼ ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର ପାଇଁ ଫାନ୍ଦ ଓ ଜାଲ ବିଛାଇବାକୁ ଯୋଜନା କରୁଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି ବନ ବିଭାଗ। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲାର ଦେବ୍ରିଗଡ଼ ଅଭୟାରଣ୍ୟ ସଂଲଗ୍ନ ଟିଲେଇମାଲ ଗ୍ରାମର କିଶୋର ଖମାରୀ (୪୬), ହୀରାଧର ଭୁଏ (୪୨), ଆଶିଷ ଭୁଏ (୨୯) ଓ ଜିତେନ୍ଦ୍ର ଭୁଏ (୨୫) ବୋଲି ଜଣାପଡିଛି। ସେମାନଙ୍କୁ ଗତ ୧୬ ତାରିଖରେ ଗିରଫ କରାଯାଇ ଆଜି ନ୍ୟାୟିକ ହାଜତକୁ ପଠାଯାଇଛି। ସୂଚନାନୁଯାୟୀ, ଶିକାର ପାଇଁ ଏହି ଗୋଷ୍ଠୀ ଫାନ୍ଦ ଓ ଜାଲ ବିଛାଇବାକୁ ଯୋଜନା କରୁଥିବା ନେଇ ନିର୍ଦ୍ଦିଷ୍ଟ ସୂଚନା ମିଳିବା ପରେ ନଭେମ୍ବର ୧୫ ତାରିଖରେ ଲଖନପୁର ବନ୍ୟପ୍ରାଣୀ ରେଞ୍ଜ ଅଧୀନ ୪ଟି ଗ୍ରାମ ନିକଟରେ ବନ ବିଭାଗ ପକ୍ଷରୁ ଚଢ଼ଉ ଓ ତଲାସି କରାଯାଇଥିଲା। ସନ୍ଦିଗ୍ଧଙ୍କ ଘର ଏବଂ ଅଭୟାରଣ୍ୟ ସଂଲଗ୍ନ ଜଙ୍ଗଲରେ ଖୋଜାଖୋଜି କରିବା ସହ ଧାତୁ ଚିହ୍ନଟ ଯନ୍ତ୍ର ବ୍ୟବହାର କରାଯାଇଥିଲା। ବରଗଡ଼ ପୁଲିସର ମୋବାଇଲ ଫୋନ୍ ଟ୍ରାକିଂ ସହାୟତାରେ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ଚିହ୍ନଟ କରି ଗିରଫ କରିବାରେ ସଫଳତା ମିଳିଥିଲା।

ଏହି ଚଢ଼ଉ ସମୟରେ ୫ କେଜି ବାଇଣ୍ଡିଂ ତାର, ଫାନ୍ଦ ଓ ଜାଲ, ଗୋଟିଏ କୁରାଢ଼ି, ଗୋଟିଏ ମୋଟରସାଇକେଲ ଏବଂ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ବନ୍ୟଜନ୍ତୁଙ୍କ ଚଳପ୍ରଚଳ ରାସ୍ତାରେ ବାଇଣ୍ଡିଂ ତାରରେ ଫାନ୍ଦ ତିଆରି କରାଯାଇଥାଏ। ଏଥିରେ ଫସି ବନ୍ୟଜନ୍ତୁ ଗୁରୁତର ଆହତ ହେବା ସହ ନିଶ୍ଚିତ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଥାଏ। ଏପରି ଫାନ୍ଦରେ ତୃଣଭୋଜୀ ଓ ମାଂସାଶୀ ଉଭୟ ପ୍ରକାର ବନ୍ୟଜନ୍ତୁ, ଏପରିକି ସଂରକ୍ଷିତ ପ୍ରଜାତିର ଜୀବ ମଧ୍ୟ ଫସିପାରନ୍ତି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତମାନେ ମିଳିତ ଭାବେ ଶିକାର ପାଇଁ ଫାନ୍ଦ ଓ ଜାଲ ବିଛାଇବାକୁ ଯୋଜନା କରିଥିବା ଜଣାପଡ଼ିଛି। ଅଭୟାରଣ୍ୟରେ ଫସଲ ଋତୁରେ ବନ୍ୟଜନ୍ତୁ ଚାଷ ଜମି ଆଡ଼କୁ ଆସୁଥିବାରୁ ଶିକାର ରୋକିବା ଓ ଫସଲ କ୍ଷୟକ୍ଷତି କମାଇବା ଉଦ୍ଦେଶ୍ୟରେ ଅଭୟାରଣ୍ୟର ପ୍ରାୟ ୪୦ ପ୍ରତିଶତ ସୀମାକୁ ବାଡ଼ ଦ୍ୱାରା ଘେରାଯାଇଛି। ବିଶେଷକରି ଚାଷ ଜମି ସଂଲଗ୍ନ ସମ୍ବେଦନଶୀଳ ଅଂଚଳରେ ଏହି ବ୍ୟବସ୍ଥା କରାଯାଇଛି। ଦେବ୍ରିଗଡ଼ ଅଭୟାରଣ୍ୟର ସୁରକ୍ଷା ପାଇଁ ୨୫୦ ଜଣ ସୁରକ୍ଷା କର୍ମଚାରୀ ଓ ୨୭ଟି ପାଟ୍ରୋଲିଂ ଟିମ୍ ନିୟୋଜିତ ଅଛନ୍ତି। ବନ କର୍ମଚାରୀମାନେ ପ୍ରତି ମାସରେ ୬ ହଜାର କିଲୋମିଟରରୁ ଅଧିକ ପାଦଚଲା ପାଟ୍ରୋଲିଂ କରୁଛନ୍ତି। କ୍ୟାମେରା ଟ୍ରାପ୍ ଓ ସ୍ୱତନ୍ତ୍ର ନିରୀକ୍ଷଣ ଦଳ ଜରିଆରେ ସମ୍ବେଦନଶୀଳ ପ୍ରବେଶ ପଥ ଉପରେ ନଜର ରଖାଯାଉଛି। ଏହାସହ ୬୭ଟି ଇକୋ ଡେଭଲପମେଂଟ କମିଟି ଜଙ୍ଗଲ ସଂଲଗ୍ନ ଗ୍ରାମଗୁଡ଼ିକରେ ସଂରକ୍ଷଣ ସଚେତନତା ଓ ଶିକାର ନିରୋଧ କାର୍ଯ୍ୟରେ ସହଯୋଗ କରୁଛନ୍ତି । ସମ୍ପ୍ରତି ଦେବ୍ରିଗଡ଼ ଅଭୟାରଣ୍ୟକୁ ଏକ ଅଣ୍ଡିରା ମହାବଳ ବାଘ ଆସିବା ପରେ ଏହାର ପାର୍ଶ୍ୱବର୍ତୀ ୧୦୦ରୁ ଅଧିକ ଗ୍ରାମରେ ସଚେତନତା ପୋଷ୍ଟର ଲଗାଯାଇଛି। ବାଘର ଉପସ୍ଥିତିର ପରିବେଶଗତ ଗୁରୁତ୍ୱ, ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସୁରକ୍ଷିତ ସହାବସ୍ଥାନ ଏବଂ ଶିକାର ସମ୍ପର୍କିତ ସୂଚନା ଦେଲେ ନଗଦ ପୁରସ୍କାର ପ୍ରଦାନ ସମ୍ପର୍କରେ ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ବନ୍ୟପ୍ରାଣୀ ସୁରକ୍ଷା କେବଳ ଅପରାଧୀଙ୍କୁ ଗିରଫ କରିବା କିମ୍ବା ଅପରାଧ ଘଟିବା ପରେ ପଦକ୍ଷେପ ନେବା ନୁହେଁ, ବରଂ ବନ୍ୟଜନ୍ତୁଙ୍କ କ୍ଷତି ହେବା ପୂର୍ବରୁ ବିପଦକୁ ରୋକିବା ହିଁ ଆମର ପ୍ରାଥମିକତା। ବନ୍ୟଜନ୍ତୁ ଯେଉଁଠାରେ ନିରାପଦରେ ବିଚରଣ, ଖାଦ୍ୟ ସଂଗ୍ରହ ଓ ପ୍ରଜନନ କରିପାରିବେ, ସେଭଳି ସୁରକ୍ଷିତ ଆବାସସ୍ଥଳୀ ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓ କହିଛନ୍ତି।

ଦୁଇ ବର୍ଷ ହେଲା ଅଚଳ ଭେଣ୍ଡିଂ ଜୋନ୍, ହସ୍ତାନ୍ତର ଅପେକ୍ଷାରେ ୨୬ ଦୋକାନ

୮୦ ଲକ୍ଷ ଟଙ୍କାର ପ୍ରକଳ୍ପ ପାଲଟିଛି ଭୂତକୋଠି; ଉଚ୍ଛେଦ ନୋଟିସ୍ ପରେ ଚିନ୍ତାରେ ୪୪ ଦୋକାନୀ

ଝାରସୁଗୁଡ଼ା, ୧୭ /୧୧ : ସହରରେ ଜବରଦଖଲ ଉଚ୍ଛେଦ ପାଇଁ ପୌର ପ୍ରଶାସନର ପ୍ରସ୍ତୁତି ଜୋରଦାର ହୋଇଥିବା ବେଳେ ଉଠାଦୋକାନୀଙ୍କ ଥଇଥାନକୁ ନେଇ ଦେଖାଦେଇଛି ଅନିଶ୍ଚିତତା। ଗୋଟିଏ ପଟେ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ଦୋକାନୀଙ୍କୁ ଉଚ୍ଛେଦ ନୋଟିସ୍ ଦିଆଯାଉଛି, ଅନ୍ୟପଟେ ସେମାନଙ୍କ ଥଇଥାନ ପାଇଁ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ୍ ଦୁଇ ବର୍ଷ ଧରି ଖୋଲାଯାଇ ପାରୁନାହିଁ। ଫଳରେ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୨୬ଟି ଦୋକାନ ଗୃହ ଏବେ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ସହରର ବିଟିଏମ୍ ଅଂଚଳରେ ଆସନ୍ତା ୨୩ ତାରିଖରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ। ବନଖଣ୍ଡ କାର୍ଯ୍ୟାଳୟଠାରୁ ବିଟିଏମ୍ ଛକ ପର୍ଯ୍ୟନ୍ତ ଅଂଚଳରେ ବ୍ୟବସାୟ କରୁଥିବା ୪୪ ଜଣ ଦୋକାନୀଙ୍କୁ ୨୧ ତାରିଖ ସୁଦ୍ଧା ନିଜ ନିଜର ସାମଗ୍ରୀ ହଟାଇ ଜାଗା ଖାଲି କରିବାକୁ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି ହୋଇଛି। ନିର୍ଦ୍ଧାରିତ ସମୟରେ ଦୋକାନ ଖାଲି ନକଲେ ପ୍ରଶାସନ ନିଜେ ଦୋକାନ ଭାଙ୍ଗିବ ବୋଲି ନୋଟିସ୍ ରେ ଚେତାବନୀ ଦିଆଯାଇଛି। ଏହି ନୋଟିସ୍ ପରେ ଦୋକାନୀଙ୍କ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି ହୋଇଛି। ଦୀର୍ଘ ବର୍ଷ ଧରି ଛୋଟ ବ୍ୟବସାୟ କରି ପରିବାର ପୋଷୁଥିବା ଦୋକାନୀମାନେ ଉଚ୍ଛେଦ ପରେ ଜୀବିକା ହରାଇବା ଆଶଙ୍କାରେ ଚିନ୍ତିତ। ଅନ୍ୟପକ୍ଷରେ, ଉଠାଦୋକାନୀଙ୍କୁ ଉଚ୍ଛେଦ ପୂର୍ବରୁ ଉପଯୁକ୍ତ ଥଇଥାନ କରିବା ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଥିବା ସତ୍ୱେ ଏଠାରେ ଥଇଥାନ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ଆଶ୍ୱାସନା ମିଳିନଥିବା ଅଭିଯୋଗ ହେଉଛି। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି, ଯେଉଁ ଦୋକାନୀଙ୍କ ଥଇଥାନ ପାଇଁ ବିଟିଏମ୍ ଛକରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଥିଲା, ତାହା ଦୁଇ ବର୍ଷ ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ପ୍ରାୟ ୮୦ ଲକ୍ଷ ଟଙ୍କାରେ ନିର୍ମିତ ଏହି ଭେଣ୍ଡିଂ ଜୋନ୍‌ରେ ୨୬ଟି ଦୋକାନ ଗୃହ ରହିଛି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଦୋକାନୀଙ୍କୁ ଏହା ହସ୍ତାନ୍ତର କରାଯାଇନାହିଁ। ଫଳରେ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ସମ୍ପତ୍ତି ଅବ୍ୟବହୃତ ହୋଇ ପଡ଼ିରହିବା ସହ ଭୂତକୋଠିର ରୂପ ନେବାକୁ ବସିଛି। ଏପରି ସ୍ଥିତିରେ ଭେଣ୍ଡିଂ ଜୋନ୍ ଥାଇ ମଧ୍ୟ ଦୋକାନୀଙ୍କୁ ଉଚ୍ଛେଦ କରିବା ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛି। ପ୍ରଥମେ ଭେଣ୍ଡିଂ ଜୋନ୍ ର ଆବଂଟନ ଓ ଦୋକାନୀଙ୍କ ଥଇଥାନ କରାଯାଇଥାନ୍ତା, ତେବେ ଏଭଳି ଅନିଶ୍ଚିତତା ସୃଷ୍ଟି ହୋଇନଥାନ୍ତା ବୋଲି ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଭେଣ୍ଡିଂ ଜୋନ୍ ର ଆବଂଟନ ନେଇ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ଦୋକାନୀଙ୍କୁ ଦୋକାନ ଗୃହ ହସ୍ତାନ୍ତର କରାଯିବ। ତେବେ ଉଚ୍ଛେଦ ଅଭିଯାନ ପୂର୍ବରୁ ଏହି ଆବଣ୍ଟନ ପ୍ରକ୍ରିୟା ଶେଷ ହେବ କି ନାହିଁ, ତାହାକୁ ନେଇ ଦୋକାନୀଙ୍କ ମଧ୍ୟରେ ଏବେ ଚିନ୍ତା ବଢ଼ିଛି।

ପବିତ୍ର ଅଁଳା ନବମୀ ଓ ବଡ ଏକାଦଶୀ ପାଇଁ ପୁରୀ ପୋଲିସ ତରଫରୁ ଟ୍ରାଫିକ ନିୟମାବଳୀ ଜାରି



ପୁରୀ/ସାକ୍ଷୀଗୋପାଳ, ୧୭/୧୧: ରାଜ୍ୟର ପ୍ରମୁଖ ବୈଷ୍ଣବ କ୍ଷେତ୍ର ପୁରୀ ଜିଲ୍ଲାର ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ସାକ୍ଷୀଗୋପାଳ ଠାରେ ଆସନ୍ତା ୧୮ ତାରିଖ ପବିତ୍ର ଅଁଳା ନବମୀରେ ଅନୁଷ୍ଠିତ ହେବାକୁ ଯାଉଛି ଶ୍ରୀରାଧାଙ୍କ ପାଦ ଦର୍ଶନ ଏବଂ ୨୧ ତାରିଖରେ ବଡ ଏକାଦଶୀ । ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପବିତ୍ର ଅଁଳାନବମୀ ଓ ବଡ ଏକାଦଶୀ ପାଇଁ ପୁରୀ ପୋଲିସ ତରଫରୁ ଟ୍ରାଫିକ ନିୟମାବଳୀ ଜାରି ହୋଇଛି । ଚାରି ଚକିଆ ଯାନ ପାଇଁ ଜାରି ହୋଇଥିବା ନିୟମାବଳୀ ଅନୁଯାୟୀ, ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ହାଲୁକା ଯାନ ଗୁଡିକ ସାକ୍ଷୀଗୋପାଳ କଲେଜ ଛକ ଦେଇ କୋଟଉପର ବି.ଏସ.ଏନ.ଏଲ. ପଡିଆରେ ପାର୍କିଙ୍ଗ କରିବେ ଓ ସମାନ ମାର୍ଗ ଦେଇ ଫେରିବେ । ସାକ୍ଷୀଗୋପାଳ ବଜାର ଦେଇ ଆସୁଥିବା ସମସ୍ତ ହାଲୁକା ଯାନ ରେଲୱେ ଲେବଲ କ୍ରସିଂ ପାଖ ପାର୍କିଙ୍ଗରେ ପାର୍କ କରିବେ ଓ ମହାମାୟା ସାହି ଦେଇ (ରିଲାଏନ୍ସ ମାର୍ଟ ପାଖରେ ୩୧୬ ନମ୍ବର ଜାତୀୟ ରାଜପଥ)କୁ ଫେରିବେ। ଅଳଗୁମ ପଟୁ ଆସୁଥିବା ସମସ୍ତ ଚାରିଚକିଆ ଯାନ ପୋଡ଼ଙ୍ଗସାହି ଏବଂ ଶାରୁଗାଡିଆ ସ୍ଥିତ କଚ୍ଚନା କମ୍ପ୍ଲେକ୍ସରେ ପାର୍କିଂ କରିବେ । ଅଳଗୁମ ପଟୁ ଆସୁଥିବା ସମସ୍ତ ଭାରିଯାନ ଯେଉଁମାନେ ଜାତୀୟ ରାଜପଥକୁ ଆସିବେ, ସେମାନେ ବନପୁର ଛକରୁ ବୀରରାମଚନ୍ଦ୍ରପୁର ଦେଇ କାଦୁଆ ଛକରେ ପହଂଚି ୩୧୬ ନମ୍ବର ଜାତୀୟ ରାଜପଥରେ ଯୋଗଦେବେ । ଟ୍ରାଫିକ୍ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ୧୭ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଭାରିଯାନକୁ କେବଳ ସାକ୍ଷୀଗୋପାଳ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଅନୁମତି ଦିଆଯିବ । ଅନୁରୂପ ଭାବେ ଦୁଇ ଚକିଆ ଯାନ ପାଇଁ ଜାରି ହୋଇଥିବା ନିୟମାବଳୀ ଅନୁଯାୟୀ, ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ଗୁଡିକ ସାକ୍ଷୀଗୋପାଳ କଲେଜ ଛକ ଦେଇ କୋଟଉପର ବି.ଏସ.ଏନ.ଏଲ. ପଡିଆରେ ପାର୍କିଙ୍ଗ କରିବେ ଓ ସମାନ ମାର୍ଗ ଦେଇ ଫେରିବେ । ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ସାକ୍ଷୀଗୋପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ମୁଖରେ ପାର୍କିଂ କରିବେ ଏବଂ ସମାନ ମାର୍ଗ ଦେଇ ଫେରିବେ । ଅଳଗୁମ ପଟୁ ଆସୁଥିବା ସମସ୍ତ ଦୁଇ ଚକିଆ ଯାନ ପୋଡ଼ଙ୍ଗସାହି ଏବଂ ଶାରୁଗାଡିଆ ସ୍ଥିତ କଚ୍ଚନା କମ୍ପ୍ଲେକ୍ସରେ ପାର୍କିଂ କରିବେ । ଅଳଗୁମ ପଟୁ ୩୧୬ ନମ୍ବର ଜାତୀୟ ରାଜପଥ ଅଭିମୁଖେ ଆସୁଥିବା ଦୁଇଚକିଆ ଯାନ ବନପୁର ଛକରୁ ବୀରରାମଚନ୍ଦ୍ରପୁର ଦେଇ କାଦୁଆ ଛକରେ ପହଂଚି ୩୧୬ ନମ୍ବର ଜାତୀୟ ରାଜପଥରେ ଯୋଗଦେବେ ।

ଭିତର ପୃଷ୍ଠାର ଅବଶିଷ୍ଟାଂଶ

ଜନତାଙ୍କ ଅଣ୍ଟା ଭାଙ୍ଗିଲାଣି ମହଙ୍ଗା ମାଡ଼ ! ପିଆଜ....

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)ଇନ୍ଧନ ମହଙ୍ଗା ହେଲେ ପରିବହନ ଖର୍ଚ୍ଚ ବଢ଼େ, କାରଖାନାରେ ବିଦ୍ୟୁତ୍ ଖର୍ଚ୍ଚ ବଢ଼େ। ଶେଷରେ ଏହାର ପ୍ରଭାବ ବିଭିନ୍ନ ସାମଗ୍ରୀର ଦାମ୍‌ରେ ପଡ଼େ।

ପ୍ରାଥମିକ ସାମଗ୍ରୀ: ଖାଦ୍ୟ ସାମଗ୍ରୀ, ଅଣଖାଦ୍ୟ ଫସଲ ଓ ଖଣିଜ ପଦାର୍ଥ ଏହି ବର୍ଗରେ ଆସେ। ଏଠାରେ ମୁଦ୍ରାସ୍ଫୀତି ୮.୬୭%ରୁ ବୃଦ୍ଧି ପାଇ ୯.୨୪% ହୋଇଛି। ଅର୍ଥାତ୍ ଚାଷ ଜମିରୁ ଉତ୍ପାଦିତ ସାମଗ୍ରୀର ଦାମ୍ ବଢୁଛି, ଯାହାର ସିଧାସଳଖ ପ୍ରଭାବ ରୋଷେଇ ଘର ଉପରେ ପଡୁଛି।

ନିର୍ମିତ ସାମଗ୍ରୀ: ଏଥିରେ କପଡ଼ା, ରାସାୟନିକ ପଦାର୍ଥ, ଷ୍ଟିଲ୍, ଆଲୁମିନିୟମ୍ ଏବଂ ବିଦ୍ୟୁତ୍ ଉପକରଣ ଭଳି ସାମଗ୍ରୀ ରହିଛି। ଏହି କ୍ଷେତ୍ରରେ ମୁଦ୍ରାସ୍ଫୀତି ୯.୭୬%ରୁ ସାମାନ୍ୟ ହ୍ରାସ ପାଇ ୯.୫୪% ହୋଇଛି। ତଥାପି ଏହା ଉଚ୍ଚ ସ୍ତରରେ ରହିଛି।

ରୋଷେଇ ଘରଠାରୁ ଦୈନନ୍ଦିନ ସାମଗ୍ରୀ, କେଉଁଥିରେ କେତେ ମହଙ୍ଗା ମାଡ଼ ?

ପାଇକାରୀ ମହଙ୍ଗା କେବଳ ବ୍ୟବସାୟୀଙ୍କ ଚିନ୍ତାର ବିଷୟ ନୁହେଁ। ପାଇକାରୀ ବଜାରରେ ଦର ବଢ଼ିଲେ କମ୍ପାନୀଗୁଡ଼ିକ ଏହାର ଚାପ ଗ୍ରାହକଙ୍କ ଉପରେ ପକାଇଥାନ୍ତି। ଅକ୍ଟୋବର ୨୦୨୬ରେ ଖୁଚୁରା ମୁଦ୍ରାସ୍ଫୀତି (**CPI**) ମଧ୍ୟ ୬.୦୯%ରେ ପହଞ୍ଚିଛି, ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କ (**RBI**)ର ୬% ଉପର ସୀମାକୁ ଅତିକ୍ରମ କରିଛି। ଖାଦ୍ୟ ମୁଦ୍ରାସ୍ଫୀତି ହାର ମଧ୍ୟ ସେପ୍ଟେମ୍ବରର ୭.୭୪%ରୁ ବଢ଼ି ୮.୯୪% ହୋଇଛି।

ସବୁଠୁ ଅଧିକ ମହଙ୍ଗା ହେଲା କେଉଁ ସାମଗ୍ରୀ ?

ଅକ୍ଟୋବରରେ ପିଆଜ ଦର ସବୁଠୁ ଅଧିକ ବୃଦ୍ଧି ପାଇଛି। ବାର୍ଷିକ ଆଧାରରେ ପିଆଜ ଦାମ୍ ୧୧୬.୨୨% ବଢ଼ିଛି। ଅର୍ଥାତ୍ ଗତବର୍ଷ ତୁଳନାରେ ଏହାର ଦାମ୍ ଦୁଇଗୁଣରୁ ମଧ୍ୟ ଅଧିକ ହୋଇଛି। ଏହା ପରେ ରହିଛିରସୁଣ – ୬୦.୭୪%,ଅଦା – ୪୮.୩୨% ଏବଂ ଲେମ୍ବୁ – ୪୭.୩୦% ରେ ରହିଛି। ପିଆଜ ଦର ବଢ଼ିବା ପଛରେ ରବି ଫସଲ ଉତ୍ପାଦନରେ ୫ରୁ ୬% ହ୍ରାସ, ପୁରୁଣା ଷ୍ଟକ୍ ଶେଷ ହେବା ଏବଂ ଖରିଫ ଫସଲ ବଜାରକୁ ବିଳମ୍ବରେ ଆସିବା ଭଳି କାରଣ ରହିଛି। ଏହାର ପ୍ରଭାବରେ ଅକ୍ଟୋବରରେ ଶାକାହାରୀ ଥାଳିର ଖର୍ଚ୍ଚ ଗତବର୍ଷ ତୁଳନାରେ ୧୨% ବୃଦ୍ଧି ପାଇଛି।

ଏହି ୫ଟି ସାମଗ୍ରୀ ହୋଇଛି ଶସ୍ତା

ମହଙ୍ଗା ମାଡ଼ ମଧ୍ୟରେ କିଛି ସାମଗ୍ରୀର ଦାମ୍ ହ୍ରାସ ପାଇବା ଗ୍ରାହକଙ୍କ ପାଇଁ ଆଶ୍ୱସ୍ତିକର ଖବର। ଖୁଚୁରା ମୁଦ୍ରାସ୍ଫୀତି (**CPI**)ର ବାର୍ଷିକ ତଥ୍ୟ ଅନୁଯାୟୀ, ସବୁଠୁ ଅଧିକ ଶସ୍ତା ହୋଇଥିବା ୫ଟି ସାମଗ୍ରୀ ହେଲା ଆଳୁ – ୧୪.୨୪% , ଫୁଲକୋବି – ୧୦.୫୭%, ନଡ଼ିଆ – ୫.୬୦%, ବାଇଗଣ – ୩.୩୪% ହ୍ରାସ ଏବଂ ବନ୍ଧାକୋବି – ୧.୯୨% ହ୍ରାସ ପାଇଛି। ଅନ୍ୟ କେତେକ ସାମଗ୍ରୀରେ ମଧ୍ୟ ମୁଦ୍ରାସ୍ଫୀତି ହାର କମ୍ ରହିଛି। ଗହମରେ ୩.୦୫% ଏବଂ ଟମାଟୋରେ ୫.୮୪% ମୁଦ୍ରାସ୍ଫୀତି ରେକର୍ଡ ହୋଇଛି।

ମହଙ୍ଗା ଦର ରୋକିବାକୁ ସରକାର ଓ **RBI** କ'ଣ କରିବେ ?

ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାର ଏକ ପ୍ରମୁଖ ଉପାୟ ହେଉଛି ରେପୋ ରେଟ୍ ବୃଦ୍ଧି। ମହଙ୍ଗା ଦର ବଢ଼ିଲେ ଜଈଓ ସୁଧହାର ବଢ଼ାଇଥାଏ। ଫଳରେ ଋଣ ମହଙ୍ଗା ହୁଏ ଏବଂ ଲୋକଙ୍କ ଖର୍ଚ୍ଚ କରିବା କ୍ଷମତା କମିଥାଏ। ଏହା ମାଧ୍ୟମରେ ବଜାରରେ ଚାହିଦା ନିୟନ୍ତ୍ରଣ କରି ମହଙ୍ଗା ଦର କମାଇବାକୁ ଚେଷ୍ଟା କରାଯାଏ। ଅକ୍ଟୋବର ୨୦୨୬ରେ ଜଈଓ ସୁଧହାରକୁ ୫.୫୦% କରିଥିବା ସହ ନିଜର ମନୋଭାବକୁ 'ନ୍ୟୁଟ୍ରାଲ୍'ରୁ ବଦଳାଇ 'କ୍ୟାଲିବ୍ରେଟେଡ୍ ଟାଇଟନିଂ' କରିଛି। ଏହାର ଅର୍ଥ ଆଗକୁ ସୁଧହାର ବୃଦ୍ଧି ହେବାର ସମ୍ଭାବନା ରହିଛି। ମନିକଣ୍ଟ୍ରୋଲ୍‌ର ସର୍ଭେରେ ସାମିଲ ୧୦ ଜଣ ଅର୍ଥନୀତିଜ୍ଞଙ୍କ ମଧ୍ୟରୁ ଅଧିକାଂଶଙ୍କ ମତରେ, ଡିସେମ୍ବର ୨୦୨୬ରେ ହେବାକୁ ଥିବା ମୁଦ୍ରାନୀତି କମିଟି (**MPC**) ବୈଠକରେ ୨୫ ବେସିସ୍ ପଏଣ୍ଟ ସୁଧହାର ବୃଦ୍ଧି ହୋଇପାରେ। ଫେବୃଆରୀ ୨୦୨୭ରେ ମଧ୍ୟ ଆଉ ଏକ ବୃଦ୍ଧି ହେବାର ସମ୍ଭାବନା ରହିଛି। ଜଈଓ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ମଧ୍ୟ କହିଛନ୍ତି ଯେ ନିକଟ ଭବିଷ୍ୟତରେ ସୁଧହାର ହ୍ରାସ ହେବାର ସମ୍ଭାବନା ନାହିଁ। ବରଂ ସୁଧହାର ସ୍ଥିର ରହିପାରେ କିମ୍ବା ବୃଦ୍ଧି ପାଇପାରେ।

ସାଧାରଣ ଲୋକଙ୍କୁ କେବେ ମିଳିବ ଆଶ୍ୱସ୍ତି ?

ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଅକ୍ଟୋବରରେ ବ୍ୟାରେଲ୍ ପିଛା ୧୧୦ ଡଲାର ଥିବାବେଳେ ଏବେ ଏହା ହ୍ରାସ ପାଇ ୯୩ ଡଲାରରେ ପହଞ୍ଚିଛି। ଯଦି ଏହି ଧାରା ଜାରି ରହେ, ତେବେ ନଭେମ୍ବରରେ ଥୋକ ମୁଦ୍ରାସ୍ଫୀତିରେ କିଛିଟା ହ୍ରାସ ଦେଖିବାକୁ ମିଳିପାରେ। ତେବେ ଅର୍ଥନୀତିଜ୍ଞଙ୍କ ମତରେ, ପୂର୍ବରୁ ବଢ଼ିଥିବା ଦରଦାମ୍‌ର ପ୍ରଭାବ ଆଗକୁ ମଧ୍ୟ ରହିବ। ତେଣୁ ତୁରନ୍ତ ବଡ଼ ଧରଣର ଆଶ୍ୱସ୍ତି ମିଳିବା ଆଶା କମ୍।

ବିଜେପି ବିଧାୟକ ଦଳ ବୈଠକ, ବିରୋଧୀଙ୍କୁ ସାମ୍ନା...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)କୃଷି କ୍ଷୟକ୍ଷତି, ପଶୁପାଳନ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସହାୟତା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହି ସମସ୍ତ ତଥ୍ୟ ଗୃହରେ ରଖାଯିବ।ଅନ୍ୟପଟେ ପ୍ରଶ୍ନକାଳ, ଶୂନ୍ୟକାଳ, ମୋସନ୍ ଏବଂ ବିଧାନସଭାର ବିଭିନ୍ନ ବିଧାନସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଆସୁଥିବା ସମସ୍ତ ପ୍ରସଙ୍ଗ ଉପର

କୋଶଳ ସମ୍ବାଦ

ଅନ୍ତର୍ଜାତୀୟ ଖବର

କ୍ୱାଡ୍’ ବୈଠକରେ ତ୍ରିରଙ୍ଗା ଉଠାଇଲେ ମୋଦି, ପିଠି ଥାପୁଡ଼ାଇଲେ ଟ୍ରମ୍ପ



ନୂଆ ଦିଲ୍ଲୀ, ୧୭ ।୧୧: ଫିଲିପାଇନ୍ସରେ ମୋଦି-ଟ୍ରମ୍ପଙ୍କ ନିଆରା ଅନ୍ଦାଜ ସମସ୍ତଙ୍କ ମନ ଜିଣିଲା । ମଞ୍ଚ ତଳେ ପଡ଼ିଥିବା ତ୍ରିରଙ୍ଗାକୁ ଉଠାଇଲେ ପ୍ରଧାନମନ୍ତ୍ରୀ ମୋଦି। ଆଉ ଏହା ଦେଖି ପିଠି ଥାପୁଡ଼ାଇଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଟ୍ରମ୍ପ କହିଲେ, ‘ଏହାକୁ ସୁରକ୍ଷିତ ରଖନ୍ତୁ।’ ଏହି ଦୃଶ୍ୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ । କ୍ୱାଡ୍ ନେତାଙ୍କ ବୈଠକ ପାଇଁ ଫିଲିପାଇନ୍ସର ରାଜଧାନୀ ମନିଲାରେ ପହଞ୍ଚିଛନ୍ତି ପିଏମ୍ ମୋଦି।ଏହି ସମୟରେ ମଞ୍ଚ ଉପରେ ତାଙ୍କ ପରିଚୟ ପାଇଁ ରଖାଯାଇଥିବା ତ୍ରିରଙ୍ଗା ତଳେ ପଡ଼ିଥିବା ଦେଖିଥିଲେ ମୋଦି। ତୁରନ୍ତ ତାହାକୁ ଉଠାଇ ନେଇଥିଲେ ପ୍ରଧାନମନ୍ତ୍ରୀ। ଏହା ଦେଖି ଟ୍ରମ୍ପ ତାଙ୍କ ପିଠି ଥାପୁଡ଼ାଇଥିଲେ।‘ଏହାକୁ ସୁରକ୍ଷିତ ରଖନ୍ତୁ’ ବୋଲି କହିଥିଲେ ଟ୍ରମ୍ପ । ଏହି ସମୟରେ ଉପସ୍ଥିତ ଅନ୍ୟ ନେତାମାନେ ମଧ୍ୟ ହସୁଥିବା ନଜର ଆସିଥିଲେ।ହ୍ୱାଇଟ୍ ହାଉସ୍ ପକ୍ଷରୁ ମଧ୍ୟ ଏହି ମୁହୂର୍ତ୍ତର ଭିଡିଓ ସେୟାର କରାଯାଇଛି । କ୍ୱାଡ୍ ବୈଠକ ପୂର୍ବରୁ ମୋଦି ଆସିଆନ୍ ଦେଶଗୁଡ଼ିକର ନେତାଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ, ଭାରତ ଏକ ସ୍ୱାଧୀନ, ସମାବେଶୀ ଏବଂ ନିୟମ ଆଧାରିତ ହିନ୍ଦ-ପ୍ରଶାନ୍ତ କ୍ଷେତ୍ରରେ ବିଶ୍ୱାସ କରେ। ପ୍ରତିଯୋଗିତା ନୁହେଁ, ବରଂ ସହଯୋଗ ହିଁ ଏହି ଅଞ୍ଚଳର ଭବିଷ୍ୟତ ନିର୍ଣ୍ଣୟ କରିବ ବୋଲି ସେ କହିଥିଲେ। ବୈଠକରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏକ ବଡ଼ ଘୋଷଣା କରିଛନ୍ତି।କ୍ୱାଡ୍ ଦେଶଗୁଡ଼ିକ ମିଳିତ ଭାବେ ସାମୁଦ୍ରିକ ଗସ୍ତ ବିମାନ ସହ ସାମରିକ ଅଭ୍ୟାସ କରିବେ। ଜାପାନ ନିକଟରେ ୪ ଦେଶର ନୌସେନା ୩୦ତମ ମାଲାବାର ମିଳିତ ନୌସେନା ଅଭ୍ୟାସ କରିଥିବା କଥା ମଧ୍ୟ ଟ୍ରମ୍ପ କହିଛନ୍ତି।ଏଥିରେ ବୁଡ଼ାଜାହାଜ ବିରୋଧୀ ଯୁଦ୍ଧାଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା। କ୍ୱାଡ୍ ହେଉଛି ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ ଗଠିତ ୪ ଦେଶର ରଣନୈତିକ ଗୋଷ୍ଠୀ। ହିନ୍ଦ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସାମୁଦ୍ରିକ ସୁରକ୍ଷା, ବାଣିଜ୍ୟ, ଖଣିଜ ସମ୍ପଦ, ନୂଆ ଟେକ୍ନୋଲୋଜି ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ଏହି ବୈଠକରେ ଆଲୋଚନା ହେଉଛି।

ପୃଥିବୀର ଯେକୌଣସି ସ୍ଥାନକୁ ୧ ମିନିଟ୍‌ରେ ଆକ୍ରମଣ କରିପାରେ ଚୀନ୍



ବେଜିଂ,୧୭।୧୧: ସମଗ୍ର ବିଶ୍ୱ ଉପରେ ଘାତକ ଆକ୍ରମଣର ଯୋଜନା କରୁଛି ଚୀନ୍। ଏନେଇ ଆମେରିକାର ଏକ ଗୁଇନ୍ଦା ରିପୋର୍ଟ ଚିନ୍ତା ବଢାଇଲା। ଆମେରିକାର ଏହି ଗୁଇନ୍ଦା ରିପୋର୍ଟ ଏକ ଫଟୋ ଜାରି କରିଛି। ଏହି ଫଟୋ ଚୀନ୍‌ର କଥିତ ସିକ୍ରେଟ୍ ‘ଶେନ୍ଲାଙ୍ଗ’ ସ୍ପେସ୍‌ପ୍ଲେନ୍‌ର ରହିଛି। ଫଟୋରେ ଏହି ସ୍ପେସ୍‌ପ୍ଲେନ୍ ନିଜ କକ୍ଷରେ ଦେଖାଯାଉଛି ଓ ଏହାର ପେଲୋଡ୍‌ର ଡୋର୍ ଖୋଲା ରହିଛି। ଆମେରିକାର ପ୍ରତିରକ୍ଷା ଗୁଇନ୍ଦା ଏଜେନ୍ସି ୨୬ ଅକ୍ଟୋବରରେ ଏହି ଫଟୋ ଜାରି କରିଛି, ଯେଉଁଥିରେ ଏକାମାତ୍ର ମହାକାଶ ଯାତ୍ରୀ ଭାନ୍‌ଙ୍କୁ ଦେଖିବାକୁ ମିଳୁଛି। ତେବେ ବେଜିଂ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନି ଯେ, କ’ଣ ଏହା ବାସ୍ତବରେ ‘ଶେନ୍ଲାଙ୍ଗ’ ସ୍ପେସ୍‌ପ୍ଲେନ୍ କି ନୁହେଁ? ଏହି ଫଟୋରେ ଦାବି କରାଯାଉଛି ଯେ, ସ୍ପେସପ୍ଲେନ୍ ମୂହୂର୍ତ୍ତରେ ଆଖି ପିଛୁଳାକେ ଦୁନିଆରେ ଯେ କୌଣସି ସ୍ଥାନକୁ ଆକ୍ରମଣ କରିପାରେ। ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟର ଏକ ରିପୋର୍ଟ ଅନୁସାରେ, ଏହା ପୃଥବୀ ଉପରେ ଥିବା ଯେ କୌଣସି ସ୍ଥାନକୁ ଟାର୍ଗେଟ କରିବାରେ ମାତ୍ର ଅଢେଇ ମିନିଟ୍ର ସମୟ ଲାଗିବ। ରିପୋର୍ଟ ଅନୁସାରେ, ରିସର୍ଚ୍ଚରମାନେ ଏକ ‘ଅର୍ବିଟାଲ କନସଲଟେସନ୍’ର ପ୍ରସ୍ତାବ ରଖିଥିଲେ। ଏହା ସାହାଯ୍ୟରେ ବିନା କୌଣସି ଚାଳକ ଦଳ ମହାକାଶ ଅର୍ଥାତ ପୃଥିବୀ ଉପରର କୌଣସି ସ୍ଥାନ ଆଡକୁ ଓହ୍ଲାଇବା ଆରମ୍ଭ କରିଦେଇଥାନ୍ତି। ଏଥିପାଇଁ ତାଙ୍କୁ ମାକ୍ସିମମ୍ ଅଢେଇ ମିନିଟ୍ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିପାରେ। ଅର୍ଥାତ କେବଳ ମାତ୍ର ଅଢେଇ ମିନିଟ୍ରେ ଅପରେସନ୍ ଆରମ୍ଭ ହୋଇପାରେ। ଏହାଛଡା ଯଦି ଦୁନିଆର ଅଧିକ ଜନସଂଖ୍ୟା ଥିବା ସ୍ଥାନକୁ ଟାର୍ଗେଟ କରାଯାଏ ତେବେ ଏହି ମିଶନ୍‌କୁ ସଫଳ କରିବାରେ ମାତ୍ର ୧ ମିନିଟ୍ ସମୟ ଲାଗିବ। ତେବେ ଏହାର ଯେଉଁ ଫଳାଫଳ ବାହାରିଛି ତାହା ସମ୍ପୂର୍ଣ୍ଣ ଭାବରେ କମ୍ପ୍ୟୁଟର ସିମୁଲେସନ୍ ଉପରେ ଆଧାରିତ। ଦୁନିଆରେ ଅଧିକାଂଶ ଘନ ଜନସଂଖ୍ୟା ଥିବା ଅଞ୍ଚଳ ପାଇଁ ସ୍ପେସ୍‌ପ୍ଲେନ୍‌କୁ ଯେ କୌଣସି କକ୍ଷପଥକୁ ଆସିବାକୁ ମାତ୍ର ୧ ମିନିଟ୍‌କୁ ଅଧିକ କିମ୍ବା ଅଢେଇ ମିନିଟ୍ ସମୟ ଲାଗିପାରେ। ଏପରିକି ‘ଏକରୁ ଅଢେଇ ମିନିଟ୍’ର ଅର୍ଥ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିବାରେ ମୋଟ୍ ସମୟ ନୁହେଁ ବଂର ମହାକାଶରେ ପୂର୍ବରୁ ମୁତୟନ ଏହି ଯାନ ଆଡକୁ ଆକ୍ରମଣ କିମ୍ବା ତଳ ଆଡକୁ ଓହ୍ଲାଇବା ଆରମ୍ଭ କରିବାରେ ଲାଗୁଥିବା ସମୟ।

କ୍ୱାଡ୍ ଏକ ସଂଗଠନ ନୁହେଁ, ଏକ ନିର୍ଭରଯୋଗ୍ୟ ସମାଧାନ’: ମନିଲାରେ ପିଏମ ମୋଦିଙ୍କ ବଡ ବାର୍ତ୍ତା



ନୂଆଦିଲ୍ଲୀ : ଫିଲିପାଇନ୍ସର ରାଜଧାନୀ ମନିଲାରେ କ୍ୱାଡ୍ ନେତାଙ୍କ ସମ୍ମିଳନୀ ଅନୁଷ୍ଠିତ ହେଉଛି । ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ‘ଭାରତ ପାଇଁ, କ୍ୱାଡ୍ ଏକ ଗଠନମୂଳକ ଏବଂ ବିଶ୍ୱସ୍ତ ସହଭାଗୀତା । ସାମୁଦ୍ରିକ ସୁରକ୍ଷା ଠାରୁ ବିଶ୍ୱସ୍ତ ଯୋଗାଣ ଶୃଙ୍ଖଳ, ନୂତନ ପ୍ରଯୁକ୍ତିବିଦ୍ୟା ଠାରୁ ବିପର୍ଯ୍ୟୟ ପରିଚାଳନା ପର୍ଯ୍ୟନ୍ତ, ଆମର ପ୍ରୟାସ ରହିଛି ଯେ କ୍ୱାଡ୍ ନିର୍ଭରଯୋଗ୍ୟ ସମାଧାନ ପ୍ରଦାନ କରେ ।’ କ୍ୱାଡ୍ ନେତାଙ୍କ ସହ ତାଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ‘ମୁଁ ଆପଣ ମାନଙ୍କୁ ସମସ୍ତଙ୍କୁ ଭେଟି ଅତ୍ୟନ୍ତ ଖୁସି । ମାନିଲା ଏବଂ କ୍ୱାଡ୍ ମଧ୍ୟରେ ଏକ ଦୀର୍ଘ ଏବଂ ବିଶେଷ ସମ୍ପର୍କ ରହିଛି । ୨୦୦୭ ମସିହାରେ, ଚାରି ଦେଶର ଅଧିକାରୀ ମାନେ ପ୍ରଥମ ଥର ପାଇଁ ଏହି ସ୍ଥାନରେ ସାକ୍ଷାତ କରିଥିଲେ । ଦଶ ବର୍ଷ ପରେ, ୨୦୧୭ ମସିହାରେ, ଆମେ ଏହି ସହରରେ ଆମର ଆଲୋଚନା ପୁନର୍ବାର ଆରମ୍ଭ କରିଥିଲୁ । ଆଜି, ଏହି ଐତିହାସିକ ସହରରେ ପୁଣି ଥରେ କ୍ୱାଡ୍ ବୈଠକ ଆୟୋଜନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁ । ଗତ ବର୍ଷ ଜାନୁଆରୀ ମାସରୁ, ଆମର ବୈଦେଶିକ ମନ୍ତ୍ରୀ ମାନେ ପା ଥର ସାକ୍ଷାତ କରିଛନ୍ତି । ଏହା ଆମର ରାଜନୈତିକ ଇଚ୍ଛାଶକ୍ତି ଏବଂ ଆମର ସହଭାଗୀତା ପ୍ରତି ସମାନ ପ୍ରତିବଦ୍ଧତାର ପ୍ରମାଣ ।’ ପ୍ରଧାନମନ୍ତ୍ରୀ ମୋଦି ଏହି ଗୋଷ୍ଠୀକୁ ଆଗକୁ ବଢାଇବାରେ ନେତାଙ୍କ ନେତୃତ୍ୱ ଏବଂ ସମର୍ଥନକୁ ପ୍ରଶଂସା କରିଥିଲେ । ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ ଏହି ବୈଠକ କ୍ୱାଡ୍ ସହଯୋଗର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ କଠିନ ଲକ୍ଷ୍ୟ ସ୍ଥିର କରିବାରେ ସହାୟକ ହେବ । ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶିଖର ସମ୍ମିଳନୀରେ କହିଥିଲେ, ‘କ୍ୱାଡ୍ ନୌସେନା ସମ୍ପ୍ରତି ଜାପାନ ନିକଟରେ ୩୦ତମ ବାର୍ଷିକ ମାଲାବାର ମିଳିତ ନୌସେନା ଅଭ୍ୟାସ କରିଥିଲା, ଯେଉଁଠାରେ ଆମର ନୌସେନା ସବମେରିନ୍-ବିରୋଧୀ ଏବଂ ଭୂମି-ବିରୋଧୀ ଯୁଦ୍ଧ ଅଭ୍ୟାସ ସମାପ୍ତ କରିଛି । ଆଜିର ସମୟରେ ସବମେରିନ୍-ବିରୋଧୀ ଯୁଦ୍ଧ ଅଭ୍ୟାସ ବହୁତ ଗୁରୁତ୍ୱପୂର୍ଣ୍ଣ । ଆମେ ଦୀର୍ଘ ସମୟ ଧରି ଭୂମି-ବିରୋଧୀ ଯୁଦ୍ଧ ଅଭ୍ୟାସ କରିଆସୁଛୁ, କିନ୍ତୁ ସବମେରିନ୍-ବିରୋଧୀ ଅଭ୍ୟାସ କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି । ଆମର ବୁଡ଼ାଜାହାଜ ଅସାଧାରଣ; ଆମେ ବିଶ୍ୱର ସର୍ବୋ ମ ବୁଡ଼ାଜାହାଜ ନିର୍ମାଣ କରୁଛୁ । ବ ର୍ତମାନ ଆମେ ଅଷ୍ଟ୍ରେଲିଆ ଏବଂ ଅନ୍ୟାନ୍ୟ ଦେଶ ସହିତ ଏହା ଉପରେ କାମ କରୁଛୁ । ଆମର ବୁଡ଼ାଜାହାଜ ବହୁତ ଆଧୁନିକ ।’ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଜାପାନୀ ପ୍ରଧାନମନ୍ତ୍ରୀ ତାକାଇଚିଙ୍କୁ ଉଲ୍ଲେଖ କରି ଟ୍ରମ୍ପ କହିଥିଲେ, ‘ଏହି ଲୋକ ମାନଙ୍କ ସହିତ ଏବଂ ଏହି ଦେଶ ଗୁଡ଼ିକସହିତ ଆମର ଉତ୍କୃଷ୍ଟ ସମ୍ପର୍କ ଅଛି ।’ ଆରମ୍ଭରୁ...ମୁଁ ଦୀର୍ଘ ସମୟ ଧରି ଏହି ତିନି ଜଣଙ୍କ ସହିତ ଅଛି, ଏବଂ ସେମାନେ ଆଶ୍ଚର୍ଯ୍ୟଜନକ ଲୋକ । ସେମାନେ ମୋର ବନ୍ଧୁ । ତେଣୁ ଏହା ସାହାଯ୍ୟ କରେ । ‘ଯଥା, ସେ ବହୁତ କଠୋର ବ୍ୟକ୍ତି, ଏବଂ ସେ (ଜାପାନୀ ପ୍ରଧାନମନ୍ତ୍ରୀ) ହୁଏତ ଆହୁରି କଠୋର । ଆମେ ଠିକ୍ କରୁଛୁ।’କ୍ୱାଡର ଶକ୍ତି ବିଷୟରେ କହି ଟ୍ରମ୍ପ କହିଛନ୍ତି, ‘ଏହା ଆମ ପାଇଁ ଏକ ମହାନ ବର୍ଷ ହୋଇଛି ।

୪୮ଟି ଦେଶ ଆଗରେ ଜାପାନ ରଖିଲା ଏମିତି ପ୍ରସ୍ତାବ, ଏସିଆରେ ଆଉ କେବେ ବଢ଼ିବନି ପେଟ୍ରୋଲ ଓ ଡିଜେଲ ଦର



ନୂଆଦିଲ୍ଲୀ : ଯେବେ ଠାରୁ ଆମେରିକା- ଇସ୍ରାଏଲ, ଇରାନ ଉପରେ ଯୁଦ୍ଧ ଆରମ୍ଭ କଲେ ଏବଂ ଏହାର ପ୍ରଭାବ ପୂରା ମିଡିଲ ଇଷ୍ଟ ଉପରେ ପଡ଼ିଲା । ଏହାପରେ ବିଶ୍ୱର ଅନେକ ଦେଶରେ ପେଟ୍ରୋଲ ଓ ଡିଜେଲର ଦର ଆକାଶ ଛୁଆଁ ହୋଇଗଲା । ବିଶ୍ୱର ପ୍ରତ୍ୟେକ ଦେଶର ଇକୋନମି ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଲା । ବିଶ୍ୱବ୍ୟାଙ୍କରୁ ନେଇ ଆଇଏମଏଫ୍ ଯାଏ ରିପୋର୍ଟରେ ଗ୍ଲୋବାଲ ଇକୋନମି ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ଇଣ୍ଟରନ୍ୟାସନାଲ ଏନର୍ଜି ଏଜେନ୍ସି ନିଜ ସ୍ତରରେ ଅଶୋଧିତ ତୈଳର ଯୋଗାଣ ରୋକିବାକୁ ନେଇ ଚେତାବନୀ ଜାରି କରି ଥିଲା । ଏହି ସମୟରେ ଚୀନ ଆମେରିକା ଓ ୟୁରୋପକୁ ଅଣଦେଖା କରି ନିଜର ଭଣ୍ଡାର ଭରିବା ପାଇଁ ଇରାନ ଓ ରୁଷ ଠାରୁ ଅଶୋଧିତ ତୈଳ କିଣିବା ଜାରି ରଖିଥିଲା । ଭାରତ ମଧ୍ୟ ନିଜର ସପ୍ଲାଇକୁ ରୁଷ୍ ଉପରେ ହିଁ କେନ୍ଦ୍ରିତ ନରଖି ବିବିଧତା ଆଣି ଥିଲା ଏବଂ ସପ୍ଲାୟର୍ସର ସଂଖ୍ୟାରେ ବୃଦ୍ଧି କରି ଥିଲା । ଏବେ ଏସିଆର ଦ୍ୱିତୀୟ ସବୁଠୁ ବଡ଼ ଇକୋନମି (ଜାପାନ) ୪୮ଟି ଦେଶ ସାମ୍ନାରେ ଏକ ଏମିତି ପ୍ରସ୍ତାବ ରଖିଛି, ଯେଉଁଥିରେ ଏସିଆର କୌଣସି ବି ଦେଶରେ ପେଟ୍ରୋଲ ଓ ଡିଜେଲର ଦରରେ ବୃଦ୍ଧି ହେବ ନାହିଁ । ଆସନ୍ତୁ ଜାଣିବା ଜାପାନ କଣ କହିଛି । ଏସୀୟ ଦେଶଗୁଡ଼ିକୁ ତୈଳ ସଙ୍କଟରୁ ମୁକୁଳିବାରେ ସାହାଯ୍ୟ କରିବା ପାଇଁ ଜାପାନ ପ୍ରଧାନମନ୍ତ୍ରୀ ସନାଏ ତାକାଇଚି ମଙ୍ଗଳବାର ଦିନ ଏକ ଏସୀୟ ଶକ୍ତି ଏଜେନ୍ସି (**Asian Energy Agency**) ଗଠନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଇରାନ ଯୁଦ୍ଧ କାରଣରୁ ସୃଷ୍ଟି ହୋଇଥିବା ଶକ୍ତି ସଙ୍କଟ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଛନ୍ତି । ତାକାଇଚି ଏକ ତୈଳ ସୁରକ୍ଷା ଟାସ୍କଫୋର୍ସ ଗଠନ କରିବା ସହ ଏହି ଅଞ୍ଚଳ ପାଇଁ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (**IEA**) ଭଳି ଏକ ଜାପାନ-ଆଧାରିତ ସଂସ୍ଥା ଗଠନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଫିଲିପାଇନ୍ସର ରାଜଧାନୀ ମାନିଲାରେ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ସଂଘ (**ASEAN**)ର ବାର୍ଷିକ ଶିଖର ସମ୍ମିଳନୀ ଅବସରରେ ଆୟୋଜିତ ଏକ ବୈଠକରେ ସେ ଏହି ପ୍ରସ୍ତାବ ରଖିଛନ୍ତି । ତାକାଇଚି କହିଛନ୍ତି ଯେ, ଆମେ ଏହାକୁ ଆଇଏଇଏର ଏସୀୟ ସଂସ୍କରଣ ଭାବେ ପ୍ରତିଷ୍ଠା କରିବାକୁ ଚାହୁଁଛୁ । ଆଇଏଇଏ ଏକ ସ୍ୱାଧୀନ ଆନ୍ତଃ-ସରକାରୀ ଏଜେନ୍ସି, ଯାହା ୧୯୭୦ ଦଶକର ପ୍ରାରମ୍ଭରେ ଦେଖା ଦେଇଥିବା ଭୟଙ୍କର ତୈଳ ସଙ୍କଟକୁ ଦୃଷ୍ଟିରେ ରଖି ୧୯୭୪ ମସିହାରେ ପ୍ରତିଷ୍ଠା କରାଯାଇ ଥିଲା। ଏହା ନୀତିଗତ ପରାମର୍ଶ ଦେଇଥାଏ ଏବଂ ନିଜ ସଦସ୍ୟ ଦେଶଗୁଡ଼ିକର ତୈଳ ଭଣ୍ଡାରର ସମନ୍ୱୟ ରକ୍ଷା କରିବାରେ ସାହାଯ୍ୟ କରେ । ଫେବ୍ରୁଆରୀ ଶେଷରେ ଆରମ୍ଭ ହୋଇ ଥିବା ଇରାନ ଯୁଦ୍ଧ ବିଶେଷକରି ଏସିଆରେ ଶକ୍ତି ସୁରକ୍ଷାକୁ ନେଇ ଚିନ୍ତା ଆହୁରି ବଢ଼ାଇ ଦେଇଛି। ଏସିଆ ଜିରୋ ଏମିଶନ କମ୍ୟୁନିଟି (**Asia Zero Emission Community**) ବୈଠକରେ ତାକାଇଚି କହିଛନ୍ତି ଯେ ଜାପାନ, ଇଣ୍ଡୋନେସିଆ ସ୍ଥିତ ଆର୍ଥିକ ଗବେଷଣା ପ୍ରତିଷ୍ଠାନ ଏସିଆନ୍ ଏବଂ ପୂର୍ବ ଏସିଆ (**ERIA**) ସହ ମିଶି ଏସୀୟ ତୈଳ ସୁରକ୍ଷା ଟାସ୍କଫୋର୍ସର ନେତୃତ୍ୱ ନେବାରେ ସାହାଯ୍ୟ କରିବ । ଏହା ଶକ୍ତି ସୁରକ୍ଷା ଉପରେ ଗବେଷଣା କରୁଥିବା ଏକ ସଂଗଠନ । ଜରୁରୀକାଳୀନ ପରିସ୍ଥିତିରେ ଜାତୀୟ ତୈଳ ଭଣ୍ଡାରରୁ ତୈଳ ଜାରି କରିବା ଏବଂ ପରସ୍ପର ମଧ୍ୟରେ ବାଣ୍ଟିବା ପାଇଁ ନିୟମ ପ୍ରସ୍ତୁତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଜାପାନ ସେହି ଏସୀୟ ଦେଶମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ, ଯେଉଁମାନେ ତୈଳ ଏବଂ ଗ୍ୟାସ୍ ଆମଦାନୀ ଉପରେ ଖୁବ୍ ନିର୍ଭରଶୀଳ।

ASEAN ଦେଶଗୁଡ଼ିକ ଆଗରେ ୯ଟି ପ୍ରସ୍ତାବ ରଖିଲେ ପ୍ରଧାନମନ୍ତ୍ରୀ ମୋଦି





ନୂଆଦିଲ୍ଲୀ,୧୭/୧୧:ମନିଲାରେ ଅନୁଷ୍ଠିତ ୨୩ତମ ଭାରତ-ଆସିଆନ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଏବଂ ଆସିଆନ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ନଅଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଥିଲେ। ଏଥିରେ ଆସିଆନ ଦେଶଗୁଡ଼ିକର ପର୍ଯ୍ୟଟକମାନଙ୍କୁ ମାଗଣା ଇ-ଭିସା ପ୍ରଦାନ, ସାମୁଦ୍ରିକ ସହଯୋଗ ପାଇଁ ଏକ ଦୀର୍ଘକାଳୀନ ଯୋଜନା, ସାଇବର-ଫରେନ୍ସିକ୍ସ ତାଲିମ ଏବଂ ପରମାଣୁ ଶକ୍ତି, ମହାକାଶ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ କେନ୍ଦ୍ରିତ ପଦକ୍ଷେପ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଅଧିକ ସମ୍ପର୍କ ବୃଦ୍ଧି ଭଳି ପ୍ରସଙ୍ଗ ଅନ୍ତର୍ଭୁକ୍ତ। ଫିଲିପାଇନ୍ସର ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍ ଜୁନିୟରଙ୍କ ନିମନ୍ତ୍ରଣ କ୍ରମେ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଆସିଆନ୍ (**ASEAN**) ସହିତ ଥିବା ‘ବ୍ୟାପକ ରଣନୀତିକ ଭାଗୀଦାରୀ’କୁ ଭାରତ ବିଶେଷ ଗୁରୁତ୍ୱ ଦେଇଥାଏ। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ନିଶ୍ଚିତତା ବଜାୟ ରଖିବା ପାଇଁ ଭାରତ ଓ ଆସିଆନକୁ ମିଳିମିଶି କାମ କରିବାକୁ ହେବ। ଭାରତ ଏକ ମୁକ୍ତ, ଖୋଲା, ଏବଂ ନିୟମ-ଆଧାରିତ ଭାରତ- ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସମର୍ଥନ କରେ। ଏହି ଅଞ୍ଚଳର ଭବିଷ୍ୟତ ପ୍ରତିଯୋଗିତା ଦ୍ୱାରା ନୁହେଁ, ବରଂ ସହଯୋଗ ଦ୍ୱାରା ଗଢ଼ି ଉଠିବ। ପ୍ରଧାନମନ୍ତ୍ରୀ ଆସିଆନ୍ (**ASEAN**)ର ଏକତା ଏବଂ ଏହାର କେନ୍ଦ୍ରୀୟ ଭୂମିକା ପ୍ରତି ଭାରତର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛନ୍ତି। ସେ କହିଛନ୍ତି ଯେ ‘ଆସିଆନ୍ କମ୍ୟୁନିଟି ଭିଜନ୍ ୨୦୪୫’ (**ASEAN Community Vision 2045**) ଏବଂ ‘ବିକସିତ ଭାରତ ୨୦୪୭’ (**Viksit Bharat 2047**) ଉଭୟ ପକ୍ଷର ଲୋକଙ୍କ ସାଧାରଣ ଆକାଂକ୍ଷା ପୂରଣ କରିବାରେ ସହାୟକ ହେବ। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଭାରତର ‘ଆକ୍ଟ ଇଷ୍ଟ’ ନୀତି, ଭାରତ-ଆସିଆନ୍ ସମ୍ପର୍କକୁ ଏକ ନୂତନ ଗତି ପ୍ରଦାନ କରିଛି। ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ଏବଂ ଆସିଆନ୍ କେବଳ ପ୍ରଯୁକ୍ତିବିଦ୍ୟାର ଉପଭୋକ୍ତା ହୋଇ ରହିବା ଉଚିତ୍ ନୁହେଁ; ବରଂ ନୂତନ ପ୍ରଯୁକ୍ତିବିଦ୍ୟା ବିକାଶ କରିବା ପାଇଁ ସେମାନେ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଏହା ବ୍ୟତୀତ, ଭବିଷ୍ୟତର ଆବଶ୍ୟକତା ପୂରଣ କରିବା ପାଇଁ ଉଭୟ ପକ୍ଷ ନିଜ ନିଜ ଜନସଂଖ୍ୟାକୁ ପ୍ରଶିକ୍ଷିତ କରିବା ଦିଗରେ କାର୍ଯ୍ୟ କରିବା ଉଚିତ୍।

ଉତରାଖଣ୍ଡରେ ବସ୍ ଦୁର୍ଘଟଣାରେ ନଅ ଜଣଙ୍କର ମୃତ୍ୟୁ, ୨୫ ଆହତ

ଡେରାଡୁନ୧୭/୧୧ : ମଙ୍ଗଳବାର ସକାଳେ ଉତରାଖଣ୍ଡର ତେହରି ଗଢ଼ୱାଲ ଜିଲ୍ଲାର ଋଷିକେଶ-ବଦ୍ରିନାଥ ଜାତୀୟ ରାଜପଥରେ ଗୁଲାର ସେତୁ ନିକଟରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ହରିଦ୍ୱାରରୁ ଯୋଶୀମଠ ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା ଏବଂ ପ୍ରାୟ ୧୨୦ ଫୁଟ ତଳେ ଏକ ଗ